# Akashvani, Sambalpur

## SAMBALPURI NEWS EVENING BULLETIN

## 10 March 2025- 7.02 pm- 7.12 pm.

**********************************************

୧- ସଂସଦ୍ ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ଆଏଜ୍ ହେଲା ମୁଲ୍ ।

୨- ବିଧାନ୍‌ସଭା ନ ପାରିତ୍ ହେଲା ଅନୁସୂଚିତ ଜାତି ଆଉ ଜନଜାତି ବିଭାଗ୍‌ର ଖର୍ଚ୍ଚା ବିଲ୍ ।

୩- ରାଏଜେ ବଢୁଥିବା ଜଙ୍ଗଲ୍ ନିଆଁର୍ ମୁକାବିଲା ଲାଗି ଜଙ୍ଗଲ୍ ବିଭାଗ୍ ତର୍‌ଫୁ ନିଆଯାଉଛେ ପଦକ୍ଷେପ୍ ।

ଆଉର୍

୪- ରାଏଜେ ବଢୁଛେ ତାତି- ଇ ହପ୍ତାଥି ପଶ୍ଚିମ ଓଡ଼ିଶାର୍ ତାତି ୪୦ ଡିଗ୍ରୀ ଛୁଇଁବାର୍ ସମ୍ଭାବନା ।

ସଂସଦ୍ ବଜେଟ୍ ଅଧିବେଶନ ଆର୍‌ଏନ୍‌ୟୁ ସମ୍ବଲପୁର

ସଂସଦ୍‌ର ବଜେଟ୍ ଅଧିବେଶନ୍‌ର ଆଏଜ୍ ୨ ନମ୍ବର୍ ଖେପ୍ ମୁଲ୍ ହେଇଛେ । ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ବିରୋଧୀ

ଦଲ୍‌ମାନେ କିର୍ଲାଗଗା କରିକରି କକ୍ଷତ୍ୟାଗ କରିଥିଲେ । ଆଏଜ୍ ଦୁହି ଗୃହ ମୁଲ୍ ହେବାର୍ ଉତ୍‌ରୁ ମଣିପୁର୍ ଆଉ ଜମ୍ମୁ ନ ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା, ତାମିଲ୍‌ନାଡୁ ନ ରେଲ୍‌ପ୍ରକଳ୍ପ ଲାଗି ଅନୁଦାନ୍, ସୀମା ଧାରିଜ୍ ଆର୍ ଷ୍ଟକ୍ ମାର୍କେଟ୍ କ୍ଷତି ବାବଦ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା ଦାବି କରିକରି ବିରୋଧୀ ସଦସ୍ୟ ମାନେ କିର୍ଲାଗଗା କରିଥିଲେ । ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ଆଏବା ୪ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବାର୍ ବେଲେ ଇଥି ୨୦ ଟା କାର୍ଯ୍ୟଦିବସ୍ ରହେବା । ଇ ଅଧିବେଶନ୍‌ଥି ୨୦୨୫ -୨୬ ଆର୍ଥିକ୍ ବଛର୍ ଲାଗି ଅନୁଦାନ୍ ଦାବି ଆଉ ଆନୁସଙ୍ଗିକ ବିଲ୍ ବ୍ୟୟମଞ୍ଜୁରୀ ଉପ୍‌ରେ ଆଲୋଚନା ଆଉ ମତଦାନ୍ ହେବା ।

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ରାଜ୍ୟ ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍‌ର ଆଏଜ୍ ୨ ନମ୍ବର୍ ଦିନ୍ ଥିଲା । ଗୃହକାର୍ଯ୍ୟ ମୁଲ୍ ହେବାର୍ ଆଘୋନୁ କଂଗ୍ରେସ୍ ବିଧାୟକ୍‌ମାନେ ବିଧାନ୍‌ସଭା ବାହାରେ ଧାରଣା ଦେବାର୍ ସହେତେ ନାରୀ ନିର୍ଯ୍ୟାତନା ଆର୍ ଆଇନ୍ ଶୃଙ୍ଖଲାକେ ନେଇକରି କିର୍ଲାରଡ଼ା କରିଥିଲେ । ଗୃହକାର୍ଯ୍ୟ ମୁଲ୍

ହେବାର୍ ଉତ୍ରୁ ମୁଖ୍ୟମନ୍ତ୍ରୀଙ୍କର୍ ଅନୁପସ୍ଥିତିଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ- ଆଘର୍ ମନ୍ତ୍ରୀ ଅନନ୍ତ ଦାସ୍ଙ୍କର୍ ବିୟୋଗ୍ଥି ଶୋକପ୍ରସ୍ତାବ୍ ଆଗତ୍ କରିଥିଲେ ।

ଇତାର୍ ଉତ୍ରୁ ଗୃହ ନ କିର୍ଲାରଡ଼ା ହେବାର୍ନୁ ବାଚସ୍ପତି ସୁରମା ପାଢ଼ୀ ଗୃହକେ ୩ ଖେପ୍ କରି ମୁଲ୍ତବୀ କରିଥିଲେ । ପହେଲା ସଖାଲ୍ବେଲା ୧୧ ବାଜିକରି ୯ ମିନିଟ୍ତକ୍ ମୁଲ୍ତବୀ ଘୋଷ୍ନା କରିଥିଲେ । ଥିତି ଫେର୍ ହେନ୍ତା ହେବାର୍ନୁ ଗୃହକେ ଦିନର୍ ୧ ବଜେତକ୍ ମୁଲ୍ତବୀ ଘୋଷ୍ନା କରିଥିଲେ । ଉପର୍ବେଲା ଗୃହ କାର୍ଯ୍ୟ କିଛି ସମିଆତକ୍ ଚାଲିଥିଲା । ବିରୋଧୀମାନ୍କର୍ କିର୍ଲାରଡ଼ା ଭିତ୍ରେ ଉପର୍ବେଲା ଅନୁସୂଚିତ ଜନଜାତି ଆଉ ଅନୁସୂଚିତ ଜାତି ଉନ୍ନୟନ୍ ଆର୍ ସଂଖ୍ୟାଲଘୁ ସମ୍ପ୍ରଦାୟର୍ ବିଭାଗ୍ ବାବଦ୍ ୬ ହଜାର୍ ୪ ଶହ ୩୬ କୋଟି ୪ ଲାଖ୍ ୯୨ ହଜାର୍ ଟଙ୍କାର ଖର୍ଚ୍ଚା ଦାବି ପାରିତ୍ ହେଇକରି ମଞ୍ଜୁର୍ ହେଇଥିଲା । ହେଲେ କିର୍ଲାରଡ଼ା ଲାଗି ବାଚସ୍ପତି ଗୃହକେ ଆଏବା କାଏଲ୍ ସଖାଲର୍ ସାଢ଼େ ୧୦ ବଜେତକ୍ ମୁଲ୍ତବୀ ଘୋଷ୍ନା କରିଛନ୍ ।

ମୁଖ୍ୟମନ୍ତ୍ରୀ-ଥାନା ସିସିଟିଭି ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଏଜେ ଏବ୍‌ତକ୍ ୬ ଶହ ୪୫ ଟା ଥାନା ନ ସିସିଟିଭି ଲଗାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ବିଧାନସଭାନ ଆଏଜ୍ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଲିଖିତ୍ ଉତର ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଉଚ୍ଚ ନ୍ୟାୟାଳୟର୍ ଆଦେଶ୍ ଅନ୍‌ସାରେ ରାଜ୍ୟର୍ ଆହୁରି ୨ ଶହ ୯୫ଟା ଫାଣ୍ଡିନ ସିସିଟିଭି ଲଗାବାର୍ ବ୍ୟବସ୍ଥା ମୁଲ୍ ହେଇଛେ । ସେନ୍ତା ଥାନାମାନକର୍ ସିସିଟିଭିର ତଦାରଖ୍ କର୍‌ବାର୍ ଲାଗି ୩୬ଟା ପୁଲିସ-ଜିଲ୍ଲାର୍ ଆରକ୍ଷୀ ଅଧିକ୍ଷକମାନଙ୍କର କାର୍ଯ୍ୟାଳୟ ସିସିଟିଭି ଲଗାଯାଇଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ପାଏନ୍ ବୁଡ଼ି- ବିଧାନ୍‌ସଭା      ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜର ଭିନ୍ ଭିନ୍ ଇଲାକାନ ସମୁଦ୍ର, ନଏଦ୍, ବନ୍ଧ ଆର୍ କଟାମାନ୍‌କେ ଗଲା ୩ ବଛର୍ ଭିତ୍‌ରେ ପାଏନ୍‌ଥି ବୁଡ଼ିକରି ୨ ହଜାର ୬୪ ଝନ୍‌ଙ୍କର ଜୀବନ୍ ଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ବିଧାନସଭା ନ ଆଏଜ୍ ବିଧାୟକ୍ ଓମ୍ ପ୍ରକାଶ ମିଶ୍ରଙ୍କର୍ ପ୍ରଶ୍ନର୍ ଲିଖିତ୍ ଉତରଥି ମୁଖ୍ୟମନ୍ତ୍ରୀ କହିଛନ୍, କଟକ୍ ନ ସବୁନୁ ଜହ ୨ ଶହ ୫୨ ଝନ୍‌ଙ୍କର ପାନି ବୁଡ଼ିକରି ଜୀବନ୍ ଯାଇଥିଲାବେଲେ ମୟୁରଭଂଜନ ୨ ଶହ ୫୧,

କୋରାପୁଟ୍ ନ ୨ ଶହ ୭ ଆଉ ନବରଙ୍ଗପୁରନ ଶହେ ୨ ଝନ୍ଙ୍କର ଜୀବନ୍ ଯାଇଛେ ।

ମୁଖ୍ୟମନ୍ତ୍ରୀ - ବାଂଲାଦେଶୀ ଅନୁପ୍ରବେଶ୍କାରୀ     ଭୁବ୍ନେଶ୍ୱର୍

ରାଏଜେ ଏବ୍ତକ୍ ୩ ହଜାର୍ ୭ ଶହ ୩୮ ଝନ୍ ବାଂଲାଦେଶୀ ଅନୁପ୍ରବେଶ୍କାରୀଙ୍କୁ ଚିହ୍ନଟ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍ସଭା ନ ଗୁଟେ ପ୍ରଶ୍ନର୍ ଉତର୍ଥି ମୁଖ୍ୟମନ୍ତ୍ରୀ କହିଛନ୍, କେନ୍ଦ୍ରାପଡ଼ା ନ ସବୁନୁ ଜହ ୧ ହଜାର୍ ୬ ଶହ ୪୯, ଜଗତ୍ସିଂହପୁର୍ ନ ୧ ହଜାର୍ ଶହେ ୧୨, ମାଲ୍କାନ୍ଗିରି ନ ୬ ଶହ ୫୫, ଭଦ୍ରକ୍ ନ ଶହେ ୯୯, ନବରଙ୍ଗ୍ପୁର୍ ନ ଶହେ ୬ ଆର୍ ଭୁବ୍ନେଶ୍ୱର୍ ନ ୧୭ ଝନ୍ ବାଂଲାଦେଶୀ ଅନୁପ୍ରବେଶ୍କାରୀଙ୍କୁ ଚିହ୍ନଟ୍ କରାଯାଇଛେ । ସର୍କାର୍ ଫି ଜିଲ୍ଲା ନ ତହସିଲ୍, ବ୍ଲକ୍ ଆର୍ ପୁଲିସ୍ କର୍ମଚାରୀମାନ୍କୁ ନେଇକରି ଗୁଟେ କମିଟି ଗଠନ୍ କରିଛନ୍ । ଓଡ଼ିଶା ନ ବେଆଇନ୍ ଭାବେ ରହୁଥିବା ବାଂଲାଦେଶୀମାନ୍କୁ ଠାବ୍ କରିକରି ତାଙ୍କର୍ ଦେଶ୍କେ ବଟାବାର୍କେ ଇ କମିଟି କାମ୍ କରୁଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେନ୍ତା ଗଲା ୧୦ ବଛର୍ ଭିତ୍ରେ ଭିନ୍ ଭିନ୍

ଅପରାଧଥି ୪୧ ଝନ୍ ବାଂଲାଦେଶୀଙ୍କର୍ ନାଁ ସାମିଲ୍ ରହିଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ସ୍ୱାସ୍ଥ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଓଡ଼ିଶାକେ ରାଜ୍ୟବାହାରୁ ନକ୍‌ଲି ଉଷୋ ଆସୁଛେ ଆଉ ସରକାର ସେଟାକେ କାବୁ କର୍‌ବାର୍‌ଥି ଲାଗିଛନ୍ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ ମହାଲିଙ୍ଗ କହିଛନ୍ । ବିଧାନସଭାନ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର ରଖିକରି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍, ଗଲା ୩ ବଛର୍ ଭିତ୍‌ରେ ବାହାର ରାଏଜୁ ଆସୁଥିବା ଶହେ ୩ଟା ନକଲି ଉଷୋ ଧରାପଡ଼୍‌ବାର୍ ସହେତେ ୪ଟା ଡିଲର୍‌କେ କଳା ତାଲିକାଥି ରଖାଯାଇଛେ । ସେନ୍ତା ୨୦୨୩-୨୪ନ ୩୨ଟା ଆଉ ୨୦୨୪-୨୫ନ ୨୬ଟା ଖରାପ୍ ଉଷୋ ଧରାପଡ଼ିଛେ ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ । ବଜାରେ ମିଲୁଥିବା ଜିଙ୍କ ସଲ୍‌ଫେଟ୍, ସୋଡିୟମ୍ ଲାକ୍‌ଟେଟ୍, ହେପ୍ରେନ୍ ସୋଡିୟମ୍ ଇଂଜେକ୍‌ସନ୍ ଖରାପ୍ ଥିବାର୍ କଥା ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ସେନ୍ତା ରାଏଜେ କୁଷ୍ଠରୋଗୀଙ୍କର୍ ସଂଖ୍ୟା ୧ ଲାଖ୍ ୪୩ ହଜାର୍ ୬ ଶହ ୯୨ ରହିଛେ ଆଉ ସର୍‌କାର୍ ସେମାନ୍‌କର୍ ସେବା ଦିଗେ ଅର୍ଥବ୍ୟୟ କରୁଛନ୍ ବଲି ବିଧାୟକ୍ ଅନନ୍ତ

ନାରାୟଣ୍ ଜେନାଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍ଥି ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ ଗୃହ ନ ସୂଚ୍ନା ଦେଇଛନ୍ ।

ରାଜ୍ୟପାଲ୍ ଆର୍ଏନ୍ୟୁ/ କଟକ୍

ଶିଳ୍ପର୍ ପ୍ରଗତି ସହେତେ ପରିବେଶ୍ ସନ୍ତୁଲନ୍ ଜରୁରୀ ଆଏ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍ । ବର୍ମୁଣ୍ଡା ବିଜୁ ପଟ୍ଟନାୟକ୍ ପ୍ରଦର୍ଶନୀ ପଡ଼ିଆ ନ ହେଇଥିବା ଓଡ଼ିଶା ମାଇନିଂ ଏକ୍ସପୋର୍ଟ କନ୍‌କ୍ଲେଭ୍‌ର ଉଦ୍‌ଯାପନୀ ଉତ୍ସବ୍‌ଥି ଯୋଗ୍ ଦେଇକରି ରାଜ୍ୟପାଲ୍ କହିଛନ୍, ରାଏଜେ ନିଯୁକ୍ତି ଭିତିଭୂମି ଆଉ ଶିଳ୍ପର୍ ପ୍ରଗତିର୍ ଲାଗି ଖଣି ଅର୍ଥନୀତି ଗୁରୁତ୍ୱପୂର୍ଣ୍ଣ ଆଏ । ଖଣି କାର୍ଯ୍ୟକ୍ରମ୍ କ୍ଷେତ୍ରଥି ଓଡ଼ିଶାର୍ ନେତୃତ୍ୱ ଲାଗି ରାଜ୍ୟପାଲ୍ ସନ୍ତୋଷ୍ ପ୍ରକାଶ୍ କରିକରି କର୍ପୋରେଟ୍ ସାମାଜିକ୍ ଦାୟିତ୍ୱବୋଧ ଉପ୍‌ରେ ଜୋର୍ ଦେଇଥିଲେ ।

ଜଙ୍ଗଲ୍ ନିଆଁ- ପରିବେଶ୍ ମନ୍ତ୍ରୀ ଆର୍ଏନ୍ୟୁ/ କଟକ୍

ରାଏଜେ ତାପମାତ୍ରା ବଢ୍‌ବାର୍‌କେ ଲାଗିଛେ । କଲାହାଣ୍ଡି, ସୁନ୍ଦର୍‌ଗଡ୍, ଆଠ୍‌ମଲ୍ଲିକ୍, ମାଲ୍‌କାନ୍‌ଗିରି, ନବରଙ୍ଗ୍‌ପୁର୍, ସୁନାବେଡ଼ା, ରାୟଗଡ଼ା, ଆଉ ବାଲିଗୁଡ଼ା ବନଖଣ୍ଡ ନ ଜୁଏ

ଲାଗିଥିବା ଜନାପଡ଼ିଛେ । କେନ୍ଦ୍ର ପରିବେଶ୍ ଆଉ ଜଙ୍ଗଲ୍ ମନ୍ତ୍ରଣାଳୟର୍ ତଥ୍ୟ ଅନ୍‌ସାରେ ଗଲା ୨ ତାରିଖ୍‌ନୁ ଇହାଦେତକ୍ ରାଏଜେ ଦେଶର୍ ୨ ନମ୍ବର୍ ସବୁନୁ ଅଏତ୍‌କା ଜଙ୍ଗଲ୍ ନିଆଁ ତଥ୍ୟ ରେକର୍ଡ଼ ହେଇଛେ । ଜଙ୍ଗଲ୍ ନିଆଁ ଲାଗି ହଜାର୍ ହଜାର୍ ହେକ୍ଟର୍ ଜଙ୍ଗଲ୍ ଜମି ନୁକ୍‌ସାନ୍ ହେବାର୍ ସହେତେ ମୂଲ୍ୟବାନ୍ ଗଛ୍ ଆଉ ବନ୍ୟଜନ୍ତୁଙ୍କର୍ ଜୀବନ୍ ଯାଉଛେ । ଜୁଏ ଲିଭା କାମ୍‌ଥି ଜଙ୍ଗଲ୍ ବିଭାଗ୍‌ର କର୍ମଚାରୀମାନେ ଭିଲ୍ ଲାଗିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍....

(ଭଏସ୍ ଓଭର୍- ପରିବେଶ୍ ମନ୍ତ୍ରୀ)

ଉପମୁଖ୍ୟମନ୍ତ୍ରୀ-ସିଏସ୍‌ପି I&PR

ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କୋରାପୁଟ୍ ଜିଲ୍ଲା ର୍ ସୁଙ୍କି ଠାନେ ହେବାର୍‌କେ ଥିବା ହଜାରେ ମେଗାୱାଟ୍ କ୍ଷମତାର୍ ପମ୍ପ୍‌ଡ଼ ଷ୍ଟୋରେଜ୍ ପ୍ରକଳ୍ପ- ସିଏସ୍‌ପି ର୍ ସମୀକ୍ଷା କରିଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଇ ପ୍ରକଳ୍ପ କାମ୍ କଲେ ଦିନ୍‌କେ ୬ ଘଂଟା ବିଦ୍ୟୁତ୍ ଉତ୍ପାଦନ୍ କର୍‌ବା । ପ୍ରକଳ୍ପ ମୁଲ୍ କର୍‌ବାର୍ ଲାଗି ଓଡ଼ିଶା ସର୍‌କାର୍‌ଙ୍କର୍ ଠାନୁ ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ଆର୍ ଭିନ୍

ଭିନ୍ ସର୍କାରୀ ସାହାଜ୍ ଯୁଗେଇ ଦେବାର୍କେ ପ୍ରକଳ୍ପ କାମ୍ କରୁଥିବା କମ୍ପାନୀ ଇ ଅବ୍ସରେ ନିବେଦନ୍ କରିଛେ ।

ରାଜସ୍ୱ ମନ୍ତ୍ରୀ-ବୋର୍ଡ଼ ଅଧ୍ୟକ୍ଷ ନିଯୁକ୍ତି        ହି.ସ.

ମାର୍ଚ୍ଚ ମାସ ଶେଷ୍ତକ୍ ନିଗମ୍ ଆଉ ବୋର୍ଡ଼ ଅଧ୍ୟକ୍ଷ ନିଯୁକ୍ତି ସର୍ବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ଇଥିର୍ଲାଗି ଆଲୋଚନା ଶେଷ୍ ଖେପେ ପୁହୁଁଚିଛେ । ନିଖୁଣ ଭାବେ ସବୁ କାମ୍ ସାର୍ବାର୍ ଲାଗି ଚେଷ୍ଟା ହଉଥିବାର୍ ଲାଗି ଟିକେ ଡେରି ହେଉଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ୱେଭ୍ସ        ପିଆଇବି

ମେ ୧ ତାରିଖ୍ନୁ ମୁମ୍ବାଇଠାନେ ହେବାର୍କେ ଥିବା ବିଶ୍ୱ ଅଡିଓ ଭିଜୁଆଲ୍ ଏଂଟରଟେନ୍ମେଂଟ ସମ୍ମିଳନୀ-ୱେଭ୍ସ୍ ଲାଗି କେନ୍ଦ୍ର ସୂଚ୍ନା ଆର୍ ପ୍ରସାରଣ ମନ୍ତ୍ରଣାଳୟ ସହଯୋଗ୍ଥି ଆନିମେସନ୍ ଫିଲ୍ମ ନିର୍ମାତା ପ୍ରତିଯୋଗିତା ମୁଲ୍ ହେଇଛେ । ଇ ପ୍ରତିଯୋଗିତା ଦେଶର୍ ଫିଲ୍ମ ନିର୍ମାତାମାନଙ୍କୁ ସେମାନଙ୍କର ସୃଜନ୍ ଆଉ ଅଭିନବ୍ ପ୍ରଦର୍ଶନ୍ ଲାଗି କର୍ବାର୍କେ ସୁଯୋଗ୍ ଦେବା ।

ଜନଅଭିଯୋଗ୍ ଶୁଣାଣି

ଶିବିର/ସମ୍ବଲପୁର/ସୋନ୍‌ପୁର୍/ଦେବ୍‌ଗଡ୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନେ ମିଲିତ ଜନଶୁଣାଣି କରିଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ଜମନ୍‌କିରା ବ୍ଲକ୍ ଠାନେ ଶୁଣାଣି ଶିବିର୍ ନ ୪୦ ଟା ଅଭିଯୋଗ୍ ଆସିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ଉଲୁଣ୍ଡା ବ୍ଲକ୍ ସମ୍ମିଳନୀ କକ୍ଷ ଠାନେ ହେଇଥିବା ଶିବିରଥି ୫୨ ଟା ଅଭିଯୋଗ୍ ଦାଖଲ୍ ହେଇଥିଲା । ଇନ ୨ ଝନ୍‌କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଆର୍ ୨ ଝନ୍‌କୁ ରେଡ଼କ୍ରସ୍ ପାଣ୍ଠିନୁ ସାହାଜ୍ ଘୋଷ୍‌ନା ହେଇଛେ ।

ଦେବ୍‌ଗଡ୍ ଜିଲ୍ଲା ତିଲେଇବଣି ବ୍ଲକ୍ ସମ୍ମିଳନୀ କକ୍ଷ ଠାନେ ହେଇଥିବା ଶିବିରଥି ୧୯ ଟା ଅଭିଯୋଗ୍ ଆସିଥିଲା ।

ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଜାତୀୟ ମାଷ୍ଟର୍ସ ଖେଲ ଆର୍‌ଏନ୍‌ୟୁ/ କଟକ୍

ମାଷ୍ଟର୍ସ ଗେମ୍ସ ଫେଡ଼େରେସନ୍ ଅଫ୍ ଇଣ୍ଡିଆ ତରଫ୍ରୁ ରାଉର୍କେଲା ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍ ନ ହେଇଥିବା ୭ ନମ୍ବର୍ ଜାତୀୟ ମାଷ୍ଟର୍ସ ଖେଲ୍‌ଥି ରାଜ୍ୟର୍ ସରିତା ମିଶ୍ର ସ୍ୱର୍ଣ୍ଣ ଆଉ ରୌପ୍ୟପଦକ୍ ପାଇଛନ୍ । ମହିଲା ୪୫ ବଛର୍‌ନୁ ଅଏତ୍‌କା ୧୫ ଶହ ମିଟର୍ ଦୌଡ଼ଥି ସେ ପହେଲା ଠାନ୍ ପାଇଥିବାର୍ ବେଲେ ୫ ହଜାର୍ ମିଟର୍ ଦୌଡ଼ଥି ୩ ନମ୍ବର୍ ଠାନେ ରହିଛନ୍ ।

ପିଜି ନାଁଲେଖା ହି.ସ.

ରାଏଜେ ସ୍ନାତକୋତର ପାଠ୍‌ପଢ଼ା ଲାଗି ନାଁଲେଖା ଆବେଦନ୍ ପ୍ରକ୍ରିୟା ଆଏଜ୍‌ନୁ ମୁଲ୍ ହେଇଛେ । ଶହେ ୧୬ ଟା ଶିକ୍ଷାନୁଷ୍ଠାନ୍‌ର ୧୨ ହଜାର୍ ୯ ଶହ ୮୧ ଟା ସିଟ୍ ଲାଗି ଛାତ୍ରଛାତ୍ରୀମାନେ ସାମ୍ସ ୱେବ୍‌ସାଇଟ୍ ଜରିଏ ଆବେଦନ୍ କରୁଛନ୍ । ଆବେଦନ୍ ଶେଷ୍ ତାରିଖ୍ ଆଏବା ୨୮ ତାରିଖ୍ ରହିଛେ । କମନ୍ ପିଜି ଏଂଟ୍ରାନ୍ସ ଟେଷ୍ଟ ଆଏବା ମେ ମାସ ୪ ନୁ ୧୮ ତାରିଖ୍ ଭିତ୍‌ରେ ହେବା ଆଉ ଜୁଲାଇ ୧୦ ତାରିଖ୍‌ତକ୍ ବିଶ୍ୱ ବିଦ୍ୟାଳୟ ଆଉ ମହାବିଦ୍ୟାଳୟମାନ୍‌କେ ସ୍ନାତକୋତର ପାଠ୍ୟକ୍ରମ୍ ମୁଲ୍ ହେବାର୍ ଲକ୍ଷ୍ୟ ରଖାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ଆଏବା ହପ୍ତାଥି ପର୍ଶ୍ଚିମ ଓଡ଼ିଶାର୍ ସବୁ ଇଲାକା ନ ଦିନର୍ ତାପମାତ୍ରା ୪୦ ଡିଗ୍ରୀ ପାର୍ କର୍‌ବା । ଇ ସମିଆଥି ରାଜ୍ୟର୍ ସବୁ ଇଲାକା ନ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା, ହେଲେ ରାତିର୍ ତାପମାତ୍ରା ନାଇଁ ବଦ୍‌ଲେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ଆଏଜ୍ ରାଜ୍ୟର୍ ସବୁନୁ ଜହ ତାତି ବୌଦ୍ଧ ନ ୩୯ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା । ସେନ୍ତା ବଲାଙ୍ଗିର୍ ନ ୩୭ ଦଶ୍‌ମିକ୍ ୪, ଝାର୍‌ସୁଗୁଡ଼ା ଆର୍ ଭବାନୀପାଟ୍‌ନା ନ ୩୭, ହୀରାକୁଦ୍ ନ ୩୬ ଦଶ୍‌ମିକ୍ ୭, ସୁନ୍ଦର୍‌ଗଡ଼୍ ନ ୩୬ ଦଶ୍‌ମିକ୍ ୫, ସମ୍ବଲ୍‌ପୁର୍ ୩୬ ଦଶ୍‌ମିକ୍ ୪, ବର୍‌ଗଡ଼୍ ନ ୩୬ ଦଶ୍‌ମିକ୍ ୨ ଆର୍ ସୋନ୍‌ପୁର୍ ନ ୩୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।